## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ପଥଚାରୀଙ୍କ ମୃତ୍ୟୁ

ଯୋଡ଼ା,୭।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ନଂ. ୨ର ହେଂସାବେଡ଼ା ଗୁରୁଡ଼ା ଛକ ନିକଟରେ ବୁଧବାର ଟ୍ରକ୍ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ବେଲବାହାଳି ଗ୍ରାମର କେଦାର ସାହୁ (୫୦)। ସେ ଅପରାହ୍ନ ପ୍ରାୟ ୪ଟା ୩୦ ସମୟରେ ଚାଲି ଚାଲି ଯାଉଥିଲେ। ଗୁରୁଡ଼ା ଛକ ନିକଟରେ ତାଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯୋଡ଼ାସ୍ଥିତ ଡାକ୍ତରଖାନାକୁ ନିଆଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସୋମବାର ଏକ ଟ୍ରକ୍ ଧକ୍କାରେ ଯୋଡ଼ାସ୍ଥିତ ଟାଟା ଡିଏଭି ସ୍କୁଲର ୨ ଛାତ୍ରଙ୍କ ସମେତ ଜଣେ ଅଭିଭାବକଙ୍କ ମୃତ୍ୟୁ ଘଟିଥିଲା। ୩ ଜୀବନ ହାନି ହେବାର ୪୮ଘଣ୍ଟା ନ ପୂରୁଣୁ ପୁଣି ଟ୍ରକ୍ ଧକ୍କାରେ ଜଣଙ୍କର ଜୀବନ ଯାଇଛି।

### ଯୁବକଙ୍କ ଆତ୍ମହତ୍ୟା

ଯୋଡା,୭।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଯୁରୁଡିଠାରେ ଜଣେ ଯୁବକ ବୁଧବାର ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜୁରୁଡି ପେଣ୍ଟେଇ ବସ୍ତିରେ ରହୁଥିବା ତରୁଣ ପେଣ୍ଟେଇ (୨୪)ବୋଲି ଜଣାପଡ଼ିଛି। ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୬/୨୦୨୪) ରୁଜୁ କରିଛି। ତରୁଣଙ୍କ ସ୍ତ୍ରୀ କିଛି ଦିନ ହେବ ତାଙ୍କୁ ଛାଡି କୁଆଡେ ଚାଲି ଯାଇଛନ୍ତି। ଦୁଃଖରେ ଭାଙ୍ଗି ପଡ଼ିଥିବାରୁ ତରୁଣ ଏହି କାଣ୍ଡ ଭିଆଇଥିବା ପରିବାର ଲୋକେ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

# ୧୩୪ ଗ୍ରାମକୁ ଗୋଷ୍ଠୀଗତ ଅଧିକାର

କେନ୍ଦୁଝର,୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଜଙ୍ଗଲ ଅଧିକାର ଆଇନ ଅଧୀନରେ କେନ୍ଦୁଝର ଜିଲାସ୍ତରୀୟ କମିଟି (ଡିଏଲସି) ଜୁଆଙ୍ଗ ଜନଜାତିଙ୍କୁ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଅନୁମୋଦନ କରିଛି। ଜିଲାର ୪ ବ୍ଲକ୍‌ର ୧୩୪ ଗ୍ରାମରେ ଜୁଆଙ୍ଗ ଜନଜାତିଙ୍କୁ ଏହି ଅଧିକାର ମିଳିଛି। ଅଧିକାର ପାଇବା ପାଇଁ ଜୁଆଙ୍ଗ ଜନଜାତିମାନେ ଦୀର୍ଘ ବର୍ଷ ଧରି ସଂଗ୍ରାମ ଜାରି ରଖିଥିଲେ। ଫଳରେ ଦେବଗଡ ଓ ଯାଜପୁର ପରେ କେନ୍ଦୁଝରରେ ରାଜ୍ୟର ତୃତୀୟ ଜିଲା ଭାବରେ ଜନଜାତିଙ୍କ ଅଧିକାର ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ଟୁଇଟ୍ କରାଯାଇଛି। ଜିଲାସ୍ତରୀୟ କମିଟି ବୈଠକରେ ବୁଧବାର ଏଭଳି ଅନୁମୋଦନ ହୋଇଥିବା ଜଣାପଡ଼ିଛି।

ଜୁଆଙ୍ଗ ଜନଜାତିମାନେ ହେଉଛନ୍ତି, ଜିଲାର ସର୍ବପୁରାତନ ଜନଜାତି। ବିଶେଷ କରି ବାଂଶପାଳ, ତେଲକୋଇ, ସଦର, ହରିଚନ୍ଦନପୁର ବ୍ଲକ୍ ଅଞ୍ଚଳରେ ଆଦିମ କାଳରୁ ବଣଜଙ୍ଗଲ ଘେରା ପାହାଡ଼ିଆ ଅଞ୍ଚଳରେ ସେମାନେ ବସବାସ କରିଆସୁଛନ୍ତି। ସେମାନେ ଜଙ୍ଗଲ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ବଣଜଙ୍ଗଲ ଅର୍ଥନୀତି ଉପରେ ସେମାନଙ୍କ ଜୀବନଜୀବିକା ପରିବେଷ୍ଟିତ। ବହୁ କାଳରୁ ସେମାନେ ରହିଆସୁଥିବାରୁ ପାହାଡ଼ ଓ ଜଙ୍ଗଲକୁ ସେମାନେ ନିଜର ବାସସ୍ଥଳୀ ଭାବରେ ପରିଗଣିତ କରିଥାନ୍ତି। ଏହାର ଅଧିକାର ପାଇଁ ସେମାନେ ଦାବି କରିଆସୁଥିଲେ। ଜୁଆଙ୍ଗ ଓ ପାଉଡିଭୂୟାଁଙ୍କ ଆବାସସ୍ଥଳୀ ଅଧିକାର ୨୦୨୩ରେ ଦାଖଲ ହୋଇଛି। ସେହିପରି ଜିଲାରେ ଅନ୍ୟ ଆଦିବାସୀ ବସବାସ କରୁଥିବା ଜିଲାର ୩୮ ଜଙ୍ଗଲ ଗ୍ରାମକୁ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ରାଜସ୍ୱ ଗ୍ରାମରେ ପରିଣତ କରାଗଲେ ସବୁ ସମ୍ପ୍ରଦାୟର ବନବାସୀ ଉପକୃତ ହୋଇ ପାରନ୍ତେ ବୋଲି ଜଙ୍ଗଲ ଅଧିକାର ସାମାଜିକ କର୍ମୀ ଆନନ୍ଦ ସେଠୀ କହିଛନ୍ତି। ସୂଚନାଯୋଗ୍ୟ, ଜଙ୍ଗଲ ଗ୍ରାମକୁ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ, ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ୨୦୨୧ରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଅଦ୍ୟାବଧି ସେମାନେ ଏହି ଅଧିକାର ପାଇ ପାରି ନ ଥିବାରୁ ଜବରଦଖଲକାରୀ ଭାବରେ ନିଜର ଜମିରେ ବସବାସ କରୁଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇ ନ ପରି ବହୁ ଅସୁବିଧାରେ ରହୁଛନ୍ତି।

## ଆସ୍ୱାୟାର ପକ୍ଷରୁ ଶିକ୍ଷକ ତାଲିମ କର୍ମଶାଳା




ଯୋଡ଼ା,୭।୮ (ମାନସ ମହାନ୍ତି)

ଆସ୍ୱାୟାର ପକ୍ଷରୁ ଯୋଡ଼ା ମ୍ୟୁନିସିପାଲିଟିର ୧୧ ନମ୍ବର ୱାର୍ଡ ଅନ୍ତର୍ଗତ କମ୍ୟୁନିଟି ସେଣ୍ଟର୍‌ଠାରେ ଯୋଡ଼ା ବ୍ଲକ୍‌ର ମାଧ୍ୟମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ୨ ଦିନିଆ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ବ୍ଲକ୍‌ର ୭୨ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଯୋଡ଼ାର କମାରଯୋଡ଼ା ଓ ଭୁଣ୍ଟୁଗାଁ ଉଚ୍ଚ ବିଦ୍ୟାଳୟଠାରେ ତାଲିମ ପ୍ରଦାନ କରାଯାଇଛି। ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ଓ ଗଣିତ ଶିକ୍ଷାଦାନକୁ ବୋଧଗମ୍ୟ କରିବା ପାଇଁ କିପରି ପର୍ଯ୍ୟାପ୍ତ ପରିମାଣର ଶିକ୍ଷଣ ସାମଗ୍ରୀ ବ୍ୟବହୃତ କରାଯାଇ ପାରିବ ସେ ନେଇ ଶିକ୍ଷାଦାନ କରା ଯାଇଥିଲା। ପ୍ରଥମ ଦିବସରେ ବିଜ୍ଞାନର ବିଷୟବସ୍ତୁ ଆଧାରିତ ଅମ୍ଳ, କ୍ଷାରକ ଓ ପ୍ରଶମିତ ଦ୍ରବଣକୁ ଚିହ୍ନିବା ପାଇଁ କିପରି ନାଲି ଓ ନୀଳ ଲିଟମସ ପେପର ବ୍ୟବହାର କରି ପିଲାଙ୍କୁ ଶିକ୍ଷାଦାନ କରାଯାଇ ପାରିବ ସେଥିପାଇଁ ୫ ଦଳରେ ବିଭକ୍ତ କରାଯାଇ ତାଲିମ ପ୍ରଦାନ କରାଯାଇଥିଲା। ଆସ୍ୱାୟାର ତରଫରୁ ଏହି ଶିକ୍ଷଣ ସାମଗ୍ରୀକୁ ବିଦ୍ୟାଳୟକୁ ଯୋଗାଇ ଦେଇ ଶିକ୍ଷାଦାନକୁ ଅଧିକ ଫଳପ୍ରଦ କରାଇବାକୁ ଆସ୍ୱାୟାର ବ୍ଲକ୍ ସଂଯୋଜକ ବିଜୟ ନାଏକ, ଆଇସିଡି ଏସ୍ ସଂଯୋଜକ ରଶ୍ମିରେଖା ବେହେରା ଘୋଷଣା କରିଥିଲେ। ଆରପି ବବଲୁ, ସଞ୍ଜୟ ସାହୁ ଓ ଦିଲ୍ଲୀପ କୁମାର ଜେନାଙ୍କ ତାଲିମ ଶୈଳୀକୁ ସମସ୍ତ ପ୍ରଶିକ୍ଷାର୍ଥୀ ଭୂୟସୀ ପ୍ରଶଂସା କରିଥିଲେ। ଆସ୍ୱାୟାରର ଯୋଡ଼ା, ବାମେବାରୀ ଓ ଚମକପୁର କ୍ଲଷ୍ଟରର ସହକର୍ମୀ ହେମପ୍ରଭା କାରୁଆ, ସତ୍ୟବ୍ରତ ଖମାରି, ଜୋଶନାରାଣୀ ବାରିକ, ଓମରାଜ ରାଉତରାୟ, ସୁଶାନ୍ତ ନାଏକ, ରଞ୍ଜିତ ମହାକୁଡ଼, ପଦ୍ମିନୀ ବାରିକ, ଅର୍ଚ୍ଚନା ମହାକୁଡ଼ ଓ ଭାରତୀ ସହଯୋଗ କରିଥିଲେ।

## ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ନୂତନ ବିଦ୍ୟାଳୟ ଗୃହ ଲୋକାର୍ପିତ



ଛାତ୍ରୀଛାତ୍ରଙ୍କ ସହ ଜେଏସ୍‌ପି ଫାଉଣ୍ଡେଶନର ଅଧିକାରୀମାନେ।

କେନ୍ଦୁଝର,୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଯୋଡ଼ା (ମାନସ ମହାନ୍ତି)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ସଂସ୍ଥା, ଜେଏସପି ଫାଉଣ୍ଡେଶନ ଦ୍ୱାରା କେନ୍ଦୁଝର ଯୋଡ଼ା ବ୍ଲକ୍ କାଶିଆ(ଖ) ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଇଁ ଏକ କୋଠାଘର ନିର୍ମିତ ହୋଇଛି। ଏହାକୁ ଜେଏସ୍‌ପି କାଶିଆ ମାଇନ୍ସର ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର ଲୋକାର୍ପିତ କରିଛନ୍ତି। ୨ ବଖରା ବିଶିଷ୍ଟ ଏହି କୋଠାଘର ଅଞ୍ଚଳର ଗ୍ରାମୀଣ ଆଦିବାସୀ ପିଲାମାନଙ୍କର ପାଠପାଢ଼ାରେ ଥିବା ଶ୍ରେଣୀଗୃହ ଅଭାବକୁ ପୂରଣ କରିବ। ପାରିପାର୍ଶ୍ୱିକ ଅଞ୍ଚଳର ସାମଗ୍ରିକ ଉନ୍ନତି କ୍ଷେତ୍ରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଏଭଳି ଉଦ୍ୟମ ଜାରି ରହିବ। ଖୁବ୍‌ଶୀଘ୍ର କମ୍ପାନୀ ୮ଟି ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଓ ନିକଟସ୍ଥ ଗ୍ରାମରେ ପାନୀୟ ଜଳ ଏବଂ ପରିମଳ ବ୍ୟବସ୍ଥାର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିଛି ବୋଲି କାଶିଆ ମାଇନ୍ସର ୟୁନିଟ୍ ମୁଖ୍ୟ କହିଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରାସାହି ସରପଞ୍ଚ ପ୍ରମିଳା ନାୟକ, ସମିତି ସଭ୍ୟ ଯଶୋବନ୍ତ ପାତ୍ର, ଯୋଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ପୂର୍ବତନ ସରପଞ୍ଚ କୁଞ୍ଜବିହାରୀ ପଲେଇ, ସ୍କୁଲ ପରିଚାଳନା କମିଟି ଅଧକ୍ଷ ମାଙ୍ଗ୍ରୀ ମୁଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ମିନତି ଦାଶ, ୱାର୍ଡସଭ୍ୟ ଭାଗବତ ପଲେଇ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର କୁବେର ପଲେଇ, ଏନକେ ପଲେଇ, ଶୁଭଶ୍ରୀ ପଲେଇ ଯୋଗଦେଇ ଜେଏସ୍‌ପିର ଅବଦାନକୁ ପ୍ରଶଂସା କରିଥିଲେ। କମ୍ପାନୀ ପକ୍ଷରୁ ମାନବ ସମ୍ବଳ ବିଭାଗ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ସିଏସଆର ମୁଖ୍ୟ ଭର୍ଜିଲ ଲାକ୍ରା, ମାଇନ୍ସ ଇଞ୍ଜିନିୟର ରଞ୍ଜିତ ଚୌଧୁରୀ, କାଶିଆ ମାଇନ୍ସର ସିଏସଆର ମୁଖ୍ୟ ମନୋଜ ମହନ୍ତ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ।

## ଟ୍ରାକ୍ଟର ଓଲଟି ଯୁବକ ମୃତ

କେନ୍ଦୁଝର,୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଥାନା ନୂଆଗାଁ ପଞ୍ଚାୟତ ଡିମିରିଡିହା ମାଝିସାହିରେ ଟ୍ରାକ୍ଟର ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ଡିମିରିଡିହା ମାଝିସାହିର ଚନ୍ଦ୍ର ମୋହନ ମାଝୀଙ୍କ ପୁଅ ମିଥୁନ ମାଝୀ(୩୫)। ସେ ମଙ୍ଗଳବାର ସ୍ଥାନୀୟ ତାମୁଡିହାସାହି ବିଲରେ ହଳ କରୁଥିବା ସମୟରେ କାଦୁଅରେ ଟ୍ରାକ୍ଟର ଫଶି ଯାଇଥିଲା। ବୁଧବାର କେତେଜଣ ଯୁବକ ସେଠାରୁ ଟ୍ରାକ୍ଟର ବାହାର କରିବାକୁ ଉଦ୍ୟମ କରିଥିଲେ। ମିଥୁନ ଗାଡି ଷ୍ଟାଟ କରିବା ପରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଗାଡି ଷ୍ଟିଓରିଂ ମିଥୁନଙ୍କ ଛାତିରେ ଚାପି ହୋଇଯାଇଥିଲା। ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମିଥୁନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଥୁନଙ୍କ ସ୍ତ୍ରୀ ଓ ପିଲା ଅସହାୟ ହୋଇଯାଇଛନ୍ତି। ତୁରନ୍ତ ଅସହାୟ ପରିବାରଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ




ଛେନାପଦି,୭।୮ (ନିରାକର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଓରାଳିସ୍ଥିତ ସୂର୍ଯ୍ୟ ମେ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟରଠାରେ ନର୍ସିଂ ଛାତ୍ରୀଛାତ୍ରୀଙ୍କୁ ନେଇ ବୁଧବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି।

ଏନେଇ ଛେନାପଦି ବଜାରରେ ଏକ ଶୋଭାଯାତ୍ରା ମାଧ୍ୟମରେ ମାତୃ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ ସଚେତନତା କରାଇଥିଲା। ଜୀବନର ପ୍ରଥମ ୬ ମାସ ପାଇଁ ସ୍ୱତନ୍ତ୍ର ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଓ ମା, ଶିଶୁ ଏବଂ ସମାଜ ପାଇଁ ସ୍ତନ୍ୟପାନର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମଟି ଅନୁଷ୍ଠାନର ପ୍ରମୁଖ ରାମକୃଷ୍ଣ ପରିଡ଼ାଙ୍କ ନେତୃତ୍ୱରେ ବିଶ୍ୱନାଥ ଜେନା ପରିଚାଳନା କରିଥିଲେ। କର୍ମଚାରୀ ପ୍ରମୋଦିନୀ ରାଉତ, ରୋଲି ମହାନ୍ତ, ସୀମା ଦଳେଇ, ମୋନାଲିସା ଦଳେଇ, ଇତିଶ୍ରୀ ଜେନା, ରାଜେଶ ମିଶ୍ର ଏବଂ ରଜତ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ।

# ସହର ମଧ୍ୟରେ ଭାରିଯାନ ଚଳାଚଳ

କେନ୍ଦୁଝର,୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

### ନିର୍ଦ୍ଦେଶକୁ ଅବମାନନା




କେନ୍ଦୁଝର ସହରରେ କଟକଣା ସତ୍ତ୍ୱେ ଗଳିକନ୍ଦି ରାସ୍ତାରେ ଦିନରେ ଭାରିଯାନ ଚଳାଚଳ କରୁଛି। ଫଳରେ ସାଧାରଣ ଲୋକେ ଯାତାୟାତରେ ହୀନସ୍ତା ହେଉଛନ୍ତି। ଓଜନଦାର ଟ୍ରକ୍ ମୁଖ୍ୟରାସ୍ତା ଦେଇ ଅଜନ୍ତା ଗଳି ଓ ରାମ ରାମ ଗଳିରେ ଯିବା ଆସିବା କରୁଥିବାରୁ ରାସ୍ତା ନଷ୍ଟହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।

ମୁଖ୍ୟ ବଜାରରୁ ସିରାଜୁଦ୍ଦିନ ଛକକୁ ସଂଯୋଗ କରିଥିବା ରାମରାମ ଗଳି ରାସ୍ତା, ମୋଚିବନ୍ଧ ସାହି, ଥାନା ଛକ ଆଦିକୁ ସଂଯୋଗ କରୁଥିବା ଅଜନ୍ତା ଗଳି ରାସ୍ତାରେ ଭାରିଯାନ ଚଳାଚଳ କରୁଛି। ଅନେକ ଗାଡ଼ି ଘଣ୍ଟାଧିକ ସମୟ ଧରି ଗଳି ରାସ୍ତାରେ ଛିଡ଼ାହୋଇ ରହୁଥିବାରୁ ଗୁରୁତ୍ୱପୂର୍ଣ୍ଣ ଗଳି ରାସ୍ତାରେ ଯାତାୟାତ ଠପ୍ ହୋଇଯାଉଛି। ଅନେକ ସମୟରେ ଏନେଇ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥାଏ। ସେହିପରି ମୋଚିବନ୍ଧ ସାହିରେ ଥିବା ସରକାରୀ କ୍ୱାର୍ଟର୍ସରେ ରହୁଥିବା କର୍ମଚାରୀ, ମୋଚିବନ୍ଧ ସ୍କୁଲ ପିଲା ତଥା ଛୋଟ ଛୋଟ ଦୋକାନୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗକଲେ ମଧ୍ୟ କେହି ଶୁଣୁ ନ ଥିବାରୁ ଅସନ୍ତୋଷ ବଢୁଛି। ଅନେକ ସମୟରେ ଏହି କାରଣରୁ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଜିଲା ମୁଖ୍ୟାଳୟରେ ଜିଲାପାଳ, ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଏଭଳି ଘଟଣା ଘଟୁଥିଲେ ହେଁ ଚୁପ୍ ବସିଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଅଞ୍ଚଳରେ ଆଳୁ, ପିଆଜ, ଲୁଗାପଟା, ଖାଦ୍ୟସାମଗ୍ରୀ ଆଦି ବିଭିନ୍ନ ଗୋଦାମ ରହିଥିବାରୁ ଏଭଳି ଭାରିଯାନ ଚଳାଚଳ କରୁଥିବା କୁହାଯାଉଛି। ଅନେକ ବ୍ୟବସାୟୀ ସେମାନଙ୍କ ଗୋଦାମ ସହର ବାହାରେ ନିର୍ମାଣ କରି ସାରିଥିଲେ ହେଁ ପ୍ରଶାସନର କୋହଳ ମନୋଭାବ ଯୋଗୁ ଏଠାରୁ ସ୍ଥାନାନ୍ତରକରି ନ ଥିବା ଅଭିଯୋଗ ହେଉଛି। କଟକଣା ଲାଗୁକରି ତତ୍କାଳୀନ ଜିଲାପାଳ ଏନ୍. ତିରୁମାଲା ନାୟକ ଲୁହାଗେଟ୍ ବ୍ୟବସ୍ଥା କରିଥିଲେ। ତେବେ କେତେଜଣ ବ୍ୟବସାୟୀ ଗୋଦାମ ସ୍ଥାନାନ୍ତର କରିବାକୁ ସମୟ ନେଇଥିଲେ ହେଁ ପରବର୍ତ୍ତୀ ସମୟର ପ୍ରଶାସନର କୋହଳ ମନୋଭାବ ଯୋଗୁ କରାଯାଉନାହିଁ। ଏ ନେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ଉନ୍ନୟନ କାର୍ଯ୍ୟର ସଫଳ ରୂପାୟନକୁ ଗୁରୁତ୍ୱ

ପାଟଣା,୭।୮ (ବୀରକିଶୋର ଦାଶ)

### ସାହାରପଡ଼ା ପଞ୍ଚାୟତ ସମିତି ବୈଠକ

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ସଭାଗୃହରେ ବୁଧବାର ଷଷ୍ଠ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ରୀନା ନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା, ଉନ୍ନୟନ କାର୍ଯ୍ୟର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ।

ବୈଠକ ଆରମ୍ଭରୁ ମେଘା ଜଳ ପ୍ରକଳ୍ପର କାର୍ଯ୍ୟ ପାଇଁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଗାଁକୁ ଜଳ ଯୋଗାଇ ଦେବା ପାଇଁ ନିୟୋଜିତ ଥିବା ଠିକା ସଂସ୍ଥା ଗ୍ରାମର କଂକ୍ରିଟ ରାସ୍ତାକୁ ଖୋଳି ପକାଇଛି। ମାତ୍ର ଜଳ ଯୋଗାଣ ହେଉ ନ ଥିବାରୁ ଠିକା ସଂସ୍ଥା ଉପରେ ସମସ୍ତ ଲୋକ ପ୍ରତିନିଧି ବିରକ୍ତି ପ୍ରକାଶ କରିଥିଲେ। ପାଇପ୍ ପୋତିବା ପାଇଁ ଗ୍ରାମ୍ୟ ରାସ୍ତାଗୁଡିକୁ ତାଡି ଦେଉଥିବା ବେଳେ ରାସ୍ତା ମରାମତି ଦିଗରେ ଅବହେଳା ପ୍ରଦର୍ଶନ କରୁଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ବ୍ଲକ୍‌ର ସମସ୍ତ ପଞ୍ଚାୟତରେ ନିର୍ମାଣଧୀନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ହେଉ ନ ଥିବା ବହୁ ସମିତି ସଭ୍ୟମାନେ କହିଥିଲେ। ସମସ୍ତେ ମିଳିମିଶି କାମ କରିବା ସହ ଉଭୟ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନେ ସମନ୍ୱୟ ରକ୍ଷା କରି ଲୋକଙ୍କ ସେବାରେ ଲାଗି ପଡ଼ିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଜିପିଇଓ ଅନ୍ତର୍ଯ୍ୟାମୀ ସେଠୀ ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଠକରେ ବ୍ଲକ୍‌ର ୨୦ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣିବା ସହ ଏହାର ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହାରପଡ଼ା ବିଡ଼ିଓ ମାଧବ ଚନ୍ଦ୍ର ବିରୁଆ, ତହସିଲଦାର ପରମାନନ୍ଦ ଖଣ୍ଡେଇ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲେଇ ପ୍ରମୁଖ ମଞ୍ଚାସିନ ଥିଲେ।

# ପେଟ୍ରୋଲ ପମ୍ପ ପାଇଁ ପୋଲ ଅବରୋଧ



ଭରତ ଚନ୍ଦ୍ର ବେହେରା ଅଭିଯୋଗପତ୍ର ଦେଖାଉଛନ୍ତି।



ଭରତଙ୍କ ଘରେ ପାଣି ଜମିଛି।

କେନ୍ଦୁଝର,୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

### ଜିଲାପାଳଙ୍କୁ ଫେରାଦ ହେଲେ ଜଳବନ୍ଦୀ ପରିବାର

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଗଣ୍ଡିଯୋଡ଼ା ମୌଜାରେ ପେଟ୍ରୋଲ ପମ୍ପ ନିର୍ମାଣ ପାଇଁ ଏକ ପୋଲକୁ ଅବରୋଧ କରାଯାଇଛି। ଫଳରେ ଜନୈକ ବ୍ୟକ୍ତିଙ୍କ ଘରେ ପାଣି ପଶୁଥିବା ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ପରିବାର ସଦସ୍ୟ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଫେରାଦ ହୋଇ ଦାବିପତ୍ର ଦେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗଣ୍ଡିଯୋଡ଼ା ମୌଜାରେ ଏକ ପେଟ୍ରୋଲ ପମ୍ପ ନିର୍ମାଣ ପାଇଁ ସେଠାରେ ଥିବା ପୋଲ ଅବରୋଧ କରାଯାଇ ମାଟି ପକାଇ ଉଚ୍ଚ କରାଯାଇଛି। ଫଳରେ ଜଳ ନିଷ୍କାସନ ହୋଇ ନ ପାରି ଗଣ୍ଡିଯୋଡ଼ା ଗ୍ରାମର ଭରତ ଚନ୍ଦ୍ର ବେହେରାଙ୍କ ପରିବାରର ୧୪ଜଣ ସଦସ୍ୟ ଜଳବନ୍ଦୀରେ ରହିଛନ୍ତି। ଅଧିକ ପାଣି ଜମି ରହିଥିବାରୁ ତାଙ୍କ ବାସଗୃହରେ ଆଣ୍ଠୁଏ ଉପରେ ପାଣି ଜମିଛି। ଘର ପାର୍ଶ୍ୱରେ ଥିବା ଦୋକାନ ସାମଗ୍ରୀ ନଷ୍ଟ ହୋଇ ଯାଇଥିବା ବେଳେ ରୋଷେଇ କରିବାରେ ସମସ୍ୟା ଉପୁଜୁଛି। ପାଣିସୁଅରେ ଘରୁ ପଦାକୁ ବାହାରିବାକୁ ପରିବାର ସଦସ୍ୟ ହୀନସ୍ତା ହେଉଛନ୍ତି। ସରୀସୃପ ବାହାରୁଥିବାରୁ ଜୀବନ ପ୍ରତି ବିପଦ ଦେଖାଦେଇଛି। ସମସ୍ୟା ସମ୍ପର୍କରେ ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଜିଲାପାଳଙ୍କୁ ଫେରାଦ ହୋଇଥିବା କହିଛନ୍ତି। ତୁରନ୍ତ ଜଳ ନିଷ୍କାସନ କରିବା ସହିତ ପେଟ୍ରୋଲ ପମ୍ପ ନିର୍ମାଣ କରୁଥିବା ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭରତ ନିବେଦନ କରିଛନ୍ତି।

# ୪ ପିଢ଼ିକୁ ଚା’ ପିଆଇଛନ୍ତି ବାଇଧର

କେନ୍ଦୁଝର, ୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)



ବାଇଧର ନାୟକ ଜଣେ ବ୍ୟବସାୟୀଙ୍କୁ ଚା’ ଦେଉଛନ୍ତି।

କେନ୍ଦୁଝର ଡେଲି ମାର୍କେଟର ଚା’ ବ୍ୟବସାୟୀ ବାଇଧର ନାୟକ। ବୟସ ୮୦ ପାର ହେଲାଣି, ଏବେ ବି ତାଙ୍କ ପ୍ରତି ଲୋକଙ୍କ ଭଲ ପାଇବା ଅତୁଟ ରହିଛି। ଦିନେ ତାଙ୍କ ପାଖରୁ ଜେଜେବାପା ଚା’ ପିଉଥିବା ବେଳେ ଏବେ ନାତି ଆସି ଚା’ ପିଉଛନ୍ତି। ପରିମାଣ, ଦାମ୍‌ରେ ପରିବର୍ତ୍ତନ ହୋଇଥିଲେ ବି ସ୍ୱାଦ ସେଭଳି ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି।

ବାଇଧରଙ୍କ କହିବା ମୁତାବକ, ତାଙ୍କ ଘର ଭାଲୁକିପତଳା। ସେ ଯେତେବେଳେ ୬ ବର୍ଷର ହୋଇଥିଲେ, ତାଙ୍କ ମା’ବାପାଙ୍କ ଦେହାନ୍ତ ହୋଇଯାଇଥିଲା। ଭଉଣୀ ପାଖକୁ ଆସି କେନ୍ଦୁଝରରେ ରହିଲେ। ପ୍ରଥମେ ପର ଘରେ କାମ କରୁଥିଲେ। ପରେ କେନ୍ଦୁଝର ଡେଲି ମାର୍କେଟରେ ଚା’ ଷ୍ଟଲ ଖୋଲିଥିଲେ। ସକାଳ ୮ରୁ ଦିନ ୧୧ଟା ପର୍ଯ୍ୟନ୍ତ ବ୍ୟବସାୟ। ଦୋକାନ ଭଡ଼ା ବାବଦକୁ ୩ ଶହ। ଏବେ ତାଙ୍କ ଦୋକାନକୁ ୪୨ ବର୍ଷ ପୁରିଛି। ଆଗରୁ ଏକ ଟଙ୍କାରେ ଚା’ ବିକୁଥିଲେ। ଏବେ ଦରଦାମ୍ ବୃଦ୍ଧି ଯୋଗୁ ୫ ଟଙ୍କାରେ ବିକୁଛନ୍ତି। ଆଗଠାରୁ କମ ପରିମାଣ ଦେବାକୁ ମଧ୍ୟ ପଡୁଛି। ଦିନକୁ ପ୍ରାୟ ଏକ ହଜାର ଟଙ୍କାର ବେପାର ହେଉଥିବା ବେଳେ ୩ରୁ ୪ ଶହ ଟଙ୍କା ଲାଭ ହେଉଥିବା କହିଛନ୍ତି। ଆଜିକାଲି ଚା ପିଉଥିବା ଲୋକଙ୍କ ସଂଖ୍ୟା ବି କମିଯାଇଛି। ବୟସ ଅଧିକ ହୋଇଯିବାରୁ ପୁଅ ସିଧୁ ସହଯୋଗ କରୁଛନ୍ତି। ଦୁର୍ଯ୍ୟୋଧନ ନାୟକ ରୋଷେଇ କରୁଛନ୍ତି। ଗୁଜୁରି ମାର୍କେଟରେ ଥିବା ଦୋକାନୀ, ବ୍ୟବସାୟୀ, ପନିପରିବା ଦୋକାନୀଙ୍କୁ ବୁଲି ବୁଲି ଚା ଯୋଗାଇଦେଇଥାଏ ବୋଲି କହିଛନ୍ତି। ବିଶେଷକରି ରବିବାର ହାଟ ଯୋଗୁ ଅଧିକ ବ୍ୟବସାୟ ହୋଇଥାଏ। ବଜାରରେ ତାଙ୍କର ଏକୁଟିଆ ଚା ଦୋକାନ ଥିଲା। ଏବେ ୨ରୁ ୩ ଚା’ ଦୋକାନ ଖୋଲିଗଲାଣି। ତେଣୁ ବ୍ୟବସାୟ କିମିଛି, କିନ୍ତୁ ସେ ବଞ୍ଚିଥିବା ପର୍ଯ୍ୟନ୍ତ ଲୋକଙ୍କୁ ଚା’ ପିଆଉଥିବେ ବୋଲି ବାଇଧର କହିଛନ୍ତି। ଆଜିକାଲି ଆବଶ୍ୟକତାକୁ ଦେଖି କଫି ମଧ୍ୟ ପ୍ରସ୍ତୁତ କରି ଦେଉଛି ବୋଲି ସେ କହିଛନ୍ତି।

ବାସନକୁସନ ଦୋକାନୀ ଗୁଲାବ ମୁକ୍ତାର ରାଇନ କୁହନ୍ତି, ସେ ପିଲା ବେଳୁ ବାଇଧରଙ୍କୁ ଚା ବିକିବା ଦେଖିଆସୁଛନ୍ତି। ଗୁଲାବଙ୍କ ଜେଜେବାପା ଏଠାରେ ଚା’ ପିଉଥିଲେ, ପରେ ତାଙ୍କ ବାପା, ଏବେ ସେ ଓ ତାଙ୍କ ପିଲାମାନେ ଚା ପିଉଛନ୍ତି। ବାଇଧରଙ୍କ ଚା’ର ଚାହିଦା ଏବେ ମଧ୍ୟ ରହିଛି। ଯେଉଁ ଦିନ ବାଇଧର ନ ଆସନ୍ତି, ସେ ଦିନ ତାଙ୍କୁ ଖୋଜାପଡ଼େ। ମୋଚିବନ୍ଧ ସାହିର ଅନିଲ ଶଙ୍କର କହିଛନ୍ତି, ମଝିରେ ମଝିରେ ବଜାରକୁ ଆସିଲେ ତାଙ୍କ ଚା’ ଓ କଫି ପିଇବାକୁ ଆସୁ। ସ୍ୱାଦ ଯାହା ହେଉନା କାହିଁକି ତାଙ୍କ ଚା’ ଓ ବିସ୍କୁଟ ପରିଷିବାରେ ଆନ୍ତରିକତା ରହିଥାଏ।

# ଆସନ୍ତା ୧୦ରୁ ସାମୂହିକ ଔଷଧ ସେବନ

## ଫାଇଲେରିଆ ନିରାକରଣ ସଚେତନତା କର୍ମଶାଳା



ଅନୁଗୋଳ,୭।୮ (ଜ୍ୟୋତି ରଞ୍ଜନ ସାହୁ)

ଅନୁଗୋଳ ଜିଲାରେ ଫାଇଲେରିଆ ନିରାକରଣ ପାଇଁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଆସନ୍ତା ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଏକ ଗଣମାଧ୍ୟମ ସଚେତନତା କର୍ମଶାଳା ବୁଧବାର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ କହିଲେ, ଜିଲାରେ ଆସନ୍ତା ୧୦ରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ସାମୂନିକ ଔଷଧ ସେବନ କାର୍ଯ୍ୟକ୍ରମ ଚାଲିବ। ଏହି କାର୍ଯ୍ୟକ୍ରମ ଅଧୀନରେ ଗୋଷ୍ଠୀ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବାହିତ ରୋଗ) ଡା. ପୂର୍ଣ୍ଣିମା ଉଦ୍‌ଗାତା ଯୋଗଦେଇ କହିଲେ, ଫାଇଲେରିଆ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ଏବଂ ଏହା ମଶା କାମୁଡିବା ଦ୍ୱାରା ବ୍ୟାପୁଛି। ଫାଇଲେରିଆ ଏକ ଅକ୍ଷମତା ସୃଷ୍ଟିକାରୀ ରୋଗ। ଔଷଧ ସେବନ ଦ୍ୱାରା ଏହାକୁ ରୋକାଯାଇପାରିବ। ଆଇଏମଏ ଅନୁଗୋଳ ଶାଖା ଅଧ୍ୟକ୍ଷ ଡା. ବିଚ୍ଛନ୍ଦ ପ୍ରଧାନ ଯୋଗଦେଇ କହିଲେ ଫାଇଲେରିଆ ନିରୋଧ ଔଷଧ ସେବନ ଦ୍ୱାରା ଜିଲାକୁ ଫାଇଲେରିଆରୁ ମୁକ୍ତ କରାଯାଇପାରିବ। ଏଥିପାଇଁ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ନିରୁପମା ଦାସ ପାୱାରପଏଣ୍ଟ ଉପସ୍ଥାପନ କରିଥିଲେ। ଏହି ଅଭିଯାନରେ ଜିଲାର ୮ ଲକ୍ଷ ୬୭ ହଜାର ୬୨ ଜନସାଧାରଣଙ୍କୁ ଔଷଧ ବଣ୍ଟନ ଓ ସେବନର ଲକ୍ଷ୍ୟ ରଖାଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଜିଲା କାର୍ଯ୍ୟକ୍ରମ ପରିଚାଳକ ଦୀପକ କୁମାର ମହାନ୍ତି, ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ଅଂଶଗ୍ରହଣ କରିଥିଲେ। ରୋଟାରି ସଭାପତି, ଉତ୍କଳ ସେବା ସଂଘ, ବିକଳ୍ପ ବିକାଶ, ମାରୱାଡି ଯୁବ ମଞ୍ଚ, ମେଡିକୋର ପ୍ରତିନିଧି ମଧ୍ୟ ଅଂଶ ଗ୍ରହଣ କରିଥିଲେ।

# କଟାଯାଉନି ରାଜପଥ ପାର୍ଶ୍ୱ ଶୁଖିଲା ଗଛ

## ବଢୁଛି ବିପଦ ଆଶଙ୍କା

ବଅଁରପାଳ,୭।୮ (ସୁବାସ ସାହୁ)



ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ବଅଁରପାଳ ବ୍ଲକ ନୂଆହତା ଠାରୁ ଅନୁଗୋଳ ଆର୍‌ଟିଓ ଅଫିସ ଯାଏ ରାଜପଥ ପାର୍ଶ୍ୱରେ ଅନେକ ଶୁଖିଲା ଗଛ ଛିଡ଼ା ହୋଇ ରହିଛି। କେତେଟିରେ ପୋକ ଲାଗି ଯାଇଥିବାରୁ ଏହା କେତେବେଳେ ବି ଭାଙ୍ଗି ରାସ୍ତା ଉପରେ ପଡ଼ିଯାଇପାରେ। ଅତୀତରେ ଏପରି ଘଟଣା ଘଟି ଜିଲାରେ ଜୀବନହାନି ହୋଇଥିବାରୁ ଏହାକୁ ନେଇ ରାଜପଥର ଯାତ୍ରୀମାନେ ବିପଦ ଆଶଙ୍କାରେ ରହିଛନ୍ତି।

ସୂଚନା ଅନୁସାରେ, ବଅଁରପାଳ ବ୍ଲକ ଥାନା ଛକ ଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ଜଗନ୍ନାଥ ମନ୍ଦିର ଆଗରେ ୨ଟି ବିରାଟ ଶୁଖିଲା ଗଛ ଛିଡ଼ା ହୋଇଛି। ସେହିପରି ବଅଁରପାଳ ହାଟ ନିକଟରେ ଗୋଟିଏ, ଗଣେଶ ବାହାର ଯାତ୍ରା ପଡିଆ ନିକଟରେ ୩ଟି ଓ ବନ୍ଧା ଓଭରବ୍ରିଜ୍ ନିକଟରେ ପାଖାପାଖି ୩ଟି ବିରାଟ ପୋକଲଗା ମଲା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଆଲୁମିନିୟମ ପାର୍କ ସମ୍ମୁଖରେ ୩ଟି ଗଛ, ସିପିପି ଛକ ନିକଟ ଏକ ଗାଡ଼ି ଶୋ'ରୁମ ସମ୍ମୁଖରେ ୨ଟି ଓ ସିପିପି ଛକ ନିକଟରୁ ଶହେ ମିଟର ଦୂର କାର୍ ଶୋ'ରୁମ ନିକଟରେ ୩ଟି ଗଛ ରହିଛି। ନାଲକୋ ଡେଲି ମାର୍କେଟ ସମ୍ମୁଖରେ ୨ଟି ଗଛ, କାଣ୍ଡସର ପିତାବଳି ପୀଠ ନିକଟରେ ଗୋଟିଏ ଶୁଖିଲା ଗଛ ରହିଛି। ବିପଦ ଆଶଙ୍କା ବଢ଼ାଉଥିବା ଏସବୁ ଶୁଖିଲା ଗଛ କାଟିବାକୁ ସ୍ଥାନୀୟ ଲୋକେ ଦାବି କରିଆସୁଛନ୍ତି। ଏ ସମ୍ପର୍କରେ ଅନୁଗୋଳ ରେଞ୍ଜ ଅଧିକାରୀ ସୁକାନ୍ତ ଦେଇ କହିଛନ୍ତି, ଜାତୀୟ ରାଜପଥ ବିଭାଗ ଲିଖିତ ଭାବରେ ଜଣାଇଲେ, ବିଭାଗ ପକ୍ଷରୁ ଗଛ କାଟିବାକୁ ପଦକ୍ଷେପ ନିଆଯିବ। ଅନଗୋଳ ଏଡିଏମ୍ ଶରତ ମହାପାତ୍ର କହିଛନ୍ତି, ଏହା ସମ୍ପର୍କରେ ଜାଣିନି, ବୁଝିବା ପରେ କହିପାରିବି।

# ଆଳୁ ଦର ବୃଦ୍ଧି ନେଇ କଂଗ୍ରେସର ପ୍ରତିବାଦ

ଅନୁଗୋଳ,୭।୮ (ଜ୍ୟୋତି ରଞ୍ଜନ ସାହୁ)



ଆଳୁ ଦର ବୃଦ୍ଧି ବିରୋଧରେ କଂଗ୍ରେସ ତରଫରୁ ଅନୁଗୋଳରେ ପ୍ରତିବାଦ କରାଯାଇଛି। ସାରା ରାଜ୍ୟରେ ଆଳୁ ଓ ପନିପରିବା ଦର ବୃଦ୍ଧି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଅନୁଗୋଳ ଜିଲାରେ ମଧ୍ୟ ଆଳୁ ଦର ୪୦ ଟଙ୍କା ଉପରେ ରହୁଛି। ଜିଲାରେ ଆଳୁ ଓ ଅନ୍ୟାନ୍ୟ ପନିପରିବା ଦର ବୃଦ୍ଧି ବିରୋଧରେ ବୁଧବାର ଅନୁଗୋଳ ଜିଲା କଂଗ୍ରେସର ପୂର୍ବତନ ଉପ ସଭାପତି ବଳବୀର ସିଂଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଯାଇ ଆଳୁ ଦର ବୃଦ୍ଧ ନିୟନ୍ତ୍ରଣ ନିମନ୍ତେ ଜିଲା ଯୋଗାଣ ଅଧିକାରୀଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯୋଗାଣ ଅଧିକାରୀ ଅନୁପସ୍ଥିତ ଥିବାରୁ କଂଗ୍ରେସ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଦରଦାମ ଓ ଆଳୁ ସଙ୍କଟ ଦୂର କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଯୋଗାଣ ମନ୍ତ୍ରୀ ଆଳୁ ଦର ୩୨ ଟଙ୍କା ମଧ୍ୟରେ ରହିବ ବୋଲି ଘୋଷଣା କରିଥିବା ବେଳେ ୪୦ ଟଙ୍କା ଉପରେ ଆଳୁ ଦର ରହୁଛି। ଦର ନିୟନ୍ତ୍ରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଯୁବ କଂଗ୍ରେସ ପୂର୍ବତନ ଉପ ସଭାପତି ଅଭିଷେକ ନାଏକ, ସଂଗ୍ରାମ ବେହେରା, ଜିଲା କଂଗ୍ରେସର ପୂର୍ବତନ ସମ୍ପାଦକ ସଂଗ୍ରାମ ବେହେରା, ଛାତ୍ରନେତା ମାନସ ବିଶ୍ୱାଳ, ଶୁଭମ ସାହୁ ପ୍ରମୁଖ ଚେତାବନୀ ଦେଇଥିଲେ।

# ଶୃଙ୍ଖଳିତ ପୂଜା ପାଇଁ ସହଯୋଗ କାମନା

## ତାଳଚେର କେନ୍ଦ୍ରୀୟ ଗଣେଶ ପୂଜା କମିଟିର ପ୍ରସ୍ତୁତି ବୈଠକ

ତାଳଚେର, ୭।୮ (ମନୋଜ ନନ୍ଦ)



ତାଳଚେରରେ ପାଳନ ହେବାକୁ ଥିବା ପ୍ରସିଦ୍ଧ ଗଣେଶ ପୂଜା ନିମନ୍ତେ ବୁଧବାର ପଞ୍ଚାୟତ ସମିତି ସଭାଗୃହ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ତଥା ଉପଜିଲାପାଳ ମନୋଜ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଗଣେଶ ପୂଜା କିପରି ଶାନ୍ତିଶୃଙ୍ଖଳାର ପାଳନ କରାଯିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କମିଟିଉପସଭାପତିଡ. ରଶ୍ମିରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଦିଲୀପ ପାଣି ଚଳିତବର୍ଷ ୫ ଟନ ଲଡୁ ନିଲାମ କରାଯିବାକୁ ପ୍ରସ୍ତାବ ଦେଇଥିବା ବେଳେ ଏହା ଉପରେ ସମସ୍ତେ ସହମତ ହୋଇଥିଲେ। କମିଟିରେ ସମସ୍ତ ନୀତି ନିୟମକୁ ସମସ୍ତ ପୂଜା ମଣ୍ଡପ କମିଟି ମାନି ପୂଜା ଓ ଭସାଣି ଉତ୍ସବ ପାଳନ କରିବା ପାଇଁ କେନ୍ଦ୍ରୀୟ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଆଇନ ଶୃଙ୍ଗଳା ରକ୍ଷା ପାଇଁ ତାଳଚେର ଏସ୍‌ଡିପିଓ ତଥା କମିଟି କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ବାରିକ ଦାୟିତ୍ୱ ବହନ କରିଥିଲେ। ସେହିପରି ପରିମଳ, ଆବଶ୍ୟକ ରାସ୍ତା ନିର୍ମାଣ, ମୁକ୍ତୁଳା ଡ୍ରେନରେ ସ୍ଲାପ ପକାଇବା ଆଦି ପାଇଁ ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେବା ପାଇଁ କମିଟି ସଭାପତି ତଥା ଉପଜିଲାପାଳ ଦାୟିତ୍ୱ ନେଇଥିଲେ। ଏଥିସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଏମସିଏଲ ଅଧିକାରୀଙ୍କୁ ନେଇ ଅନ୍ୟ ଏକ ବୈଠକ ବସି ବୃତ୍ତାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମତ ପ୍ରକାଶ ପାଇଥିଲା। ଗଣେଶ ପୂଜା ଆସନ୍ତା ସେପ୍ଟେମ୍ବର ୭ ତାରିଖରେ ହେଉଥିବା ବେଳେ ଭସାଣି ୧୮ ତାରିଖରେ ପାଳନ କରାଯିବା ନେଇ ସୂଚନା ଦିଆଯାଇଥିଲା। ଗତବର୍ଷ ଭସାଣି ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା କମିଟିମାନଙ୍କୁ ପୁରସ୍କୃତ କରାଯାଇଥିଲା। କୋଷାଧ୍ୟକ୍ଷ ରଞ୍ଜିତ ମହାପାତ୍ର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି ବୈଠକରେ ନଗରପାଳ ପବିତ୍ର ଭୂତିଆ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ସ୍ୱାଧୀନ ଥମ୍ବ, ଉପଦେଷ୍ଟା କେଶବ ଭୂତିଆ, ଜୟନ୍ତ ଭୂତିଆ, ଯୁଗ୍ମ ସମ୍ପାଦକ ସୌଭାଗ୍ୟ ମହାରଣା, ମାନସ ରଞ୍ଜନ ବାଇ, ନିରୋଜ ଦାସ ଓ ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ପୂଜା ମଣ୍ଡପ ସଭାପତି, ସମ୍ପାଦକ ସାମିଲ ହୋଇ ଆଗାମୀ ଦିନରେ ହେବାକୁ ଥିବା ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ପାଇଁ ପୂର୍ବପରି ସହଯୋଗ କାମନା କରିଥିଲେ। ସମୀକ୍ଷକ ଅଶୋକ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ବଇଣ୍ଡା,୭।୮ (ପରିକ୍ଷିତ ସାହୁ)



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରରେ ବୁଧବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ କାଳିନ୍ଦୀ ଚରଣ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଲୁହାମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସ୍ମିତାରାଣୀ ବେହେରା, ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ସେଠୀ ଓ ଇଚ୍ଛାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଧୀରେନ କୁମାର ଦେହୁରୀ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜ୍ଞାନ ପ୍ରମୁଖ ଜୟଶ୍ରୀ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସହ ପ୍ରଧାନଆଚାର୍ଯ୍ୟ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏଥରେ ମୋଟ ୭୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୧୦ଟି ପ୍ରକଳ୍ପ ସଂକୁଳକୁ ମନୋନୀତ ହୋଇଥିଲା। ଏହାବ୍ୟତୀତ ବିଜ୍ଞାନ ପତ୍ରବାଚନରେ ୨ଜଣ, ଗଣିତ ପତ୍ରବାଚନରେ ଜଣେ, ସଂସ୍କୃତି ଜ୍ଞାନ କଥା କଥନରେ ୨ଜଣ ଓ ମୂର୍ତ୍ତି କଳାରେ ୨ଜଣ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ହୁଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଯୋଗଦେଇ ଅନ୍ୱେଷଣ ହିଁ ବୈଜ୍ଞାନିକ ହେବାର ବାଟ ଦେଖାଏ ବୋଲି କହିଥିଲେ। ଅତିଥିମାନେ କୃତୀ ପ୍ରତିଭାଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବୁଲୁପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିନୀତା ପ୍ରଧାନ ସଂଯୋଜନା କରିଥିଲେ। ବାପୁଜୀ ଦେହୁରୀ, ପ୍ରମୋଦିନୀ ପ୍ରଧାନ, ସୁମତିରାଣୀ ପ୍ରଧାନ, ନିରୁପମା ବାରିକ, ଶ୍ରୀକାନ୍ତ ପ୍ରଧାନ, ଗୌରୀ ଶତପଥୀ, ବୁଲୁ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ନବାନ୍ନ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବଅଁରପାଳ,୭।୮ (ସୁବାସ ସାହୁ)

ବଅଁରପାଳ ବ୍ଲକ କୁଲାଡ଼ ମହାନିତ୍ୟ ମହିମା ସମାଜ ପକ୍ଷରୁ ଆସନ୍ତା ୧୮ ଓ ୧୯ ତାରିଖରେ ନବାନ୍ନ ଉତ୍ସବ ପାଳିତ ହେବ। ଏଥିପାଇଁ କୁଲାଡ଼ ମହିମା ଟୁଙ୍ଗିରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ୧୮ ତାରିଖରେ ଧୂନି ସ୍ଥାପନ ଓ ଅଖଣ୍ଡବତି ପ୍ରଜ୍ୱଳନ ହେବ। ୧୯ ତାରିଖରେ ନବାନ୍ନ ଉତ୍ସବ ପାଳିତ ହେବ। ବିଶ୍ୱର ମଙ୍ଗଳ ନିମନ୍ତେ ଅଲେଖ ଶୂନ୍ୟ ପ୍ରଭୁଙ୍କୁ ନିବେଦନ କରାଯିବ। ବ୍ରାହ୍ମ ମୁହୂର୍ତ୍ତରେ ନୂଆବର୍ଷର ଧାନରୁ ପ୍ରସ୍ତୁତ ଚୁଡ଼ାରେ ନବାନ୍ନ ପ୍ରସ୍ତୁତ କରାଯାଇ ଭିକ୍ଷା ମଣ୍ଡପରେ ଶୂନ୍ୟପ୍ରଭୁଙ୍କୁ ଅର୍ପଣ କରାଯିବ। ବାବା ରବି ଦାସ, ଭକ୍ତ ପ୍ରେମାନନ୍ଦ ସେଠ, କରୁଣାକର ସେଠ, ରାଜେଶ ଜେନା, ବନମାଳୀ ସେଠ, ବିନୋଦ ବିହାରୀ ସେଠ, ଗୁରୁଚରଣ ସେଠ, ଅଜୟ ସେଠ, ପବିତ୍ର ସେଠ, ଜୟ ଜେନା, ସୁଗ୍ରୀବ ସେଠ, ଖୁକା ସେଠ, ମନୋଜ ଜେନା, ପୃଥ୍ୱୀରାଜ ଜେନା, ପରେଶ ଚନ୍ଦ୍ର ଜେନା, ନରହରି ସେଠ ଓ ବୈରାଗୀ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ଓ.ପି. ଜିନ୍ଦଲ ଅନୁଗୋଳ କପ୍ ଫୁଟ୍‌ବଲ ଉଦ୍‌ଘାଟିତ



ଅନୁଗୋଳ,୭।୮ (ଜ୍ୟୋତିରଞ୍ଜନ ସାହୁ)

ରାଜ୍ୟସ୍ତରୀୟ ଓ.ପି. ଜିନ୍ଦଲ ଫୁଟ୍‌ବଲ ଟୁର୍ନାମେଣ୍ଟ ୨୦୨୪, ଅନୁଗୋଳସ୍ଥିତ ପିଟିସି ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଏଡିଏମ୍ ପ୍ରତାପ ପ୍ରୀତିମୟ, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମଲହାନ, ଜିଲା ପରିବାର କଲ୍ୟାଣ ଅଧିକାରୀ ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର, ଜିଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଂ, ଜିଲା କ୍ରୀଡ଼ା ସଂସଦ କୋଷାଧ୍ୟକ୍ଷ କିଶୋର କୁମାର କର, ଓ.ପି. ଜିନ୍ଦଲ କମ୍ୟୁନିଟି କଲେଜ ଅଧ୍ୟକ୍ଷ ପ୍ରସନ୍ନ ପାତ୍ର ଏବଂ ଜେଏସ୍‌ପି ଅନୁଗୋଳ ସିଏସ୍‌ଆର୍ ବିଭାଗୀୟ ମୁଖ୍ୟ ଜୟନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଜିଲାରୁ ୧୨ଟି ଦଳ ତଥା କନ୍ଧମାଳ ଏକାଡେମୀ, ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣୀ, ବରଗଡ଼ ୟୁନଟେଡ଼, ମା ମଙ୍ଗଳା ଢେଙ୍କାନାଳ, ବିଏଫସି କୁଚିଣ୍ଡା ସମ୍ବଲପୁର, ଝାଡଶ୍ୱରୀ କ୍ଲବ ଝାରସୁଗୁଡା, କିଷାନ ବ୍ରଦର୍ସ ସୁନ୍ଦରଗଡ, ମା ବୁଢ଼ୀ ଏଫସି ଅନୁଗୋଳ, ଜଗା ୟୁନାଇଟେଡ ଭୁବନେଶ୍ୱର, ରାଉରକେଲା ୧୧, ଚାନ୍ଦ କ୍ଲବ ଅନୁଗୋଳ, ମୋହନ ୧୧ କୋରାପୁଟ ଏହି ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିଛନ୍ତି। ୧୮ ତାରିଖ ଯାଏ ଏହି ମ୍ୟାଚ ଚାଲିବ।

# ଭାସିଯାଇଥିବା ଛାତ୍ରୀଙ୍କ ମୃତଦେହ ଜବତ

ଅନୁଗୋଳ,୭।୮ (ଜ୍ୟୋତି ରଞ୍ଜନ ସାହୁ)- ଅନୁଗୋଳ ବ୍ଲକ ବସଲା ପଞ୍ଚାୟତ ସୁନାଭୂଇଁ ସ୍ଥିତ ଘୋଡାଡିଆଁ ନାଳରେ ମଙ୍ଗଳବାର ଭାସି ନିଖୋଜ ହୋଇଯାଇଥିବା ଛାତ୍ରୀ ପ୍ରୀତି ବେହେରା (୧୯)ଙ୍କ ମୃତଦେହ ବୁଧବାର ଅପରାହ୍ନରେ ଜବତ ହୋଇଛି। ନାଳର ଏକ କଣ୍ଟା ବୁଦାମୂଳରେ ମୃତଦେହ ଲାଖି ରହିଥିଲା। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା।

ପ୍ରକାଶ ଯେ, ସୁନାଭୂଇଁ ଗାଁର ଛାତ୍ରୀ ପ୍ରୀତି କମ୍ପ୍ୟୁଟର କ୍ଲାସ ସାରି ବନ୍ତଳାରୁ ସାଇକେଲ ଯୋଗେ ଗାଁକୁ ଫେରୁଥିଲେ। ଘର ନିକଟରେ ଥିବା ଘୋଡ଼ାଡିଆଁ ନାଳ ପୋଲ ଉପରେ ୩ ଫୁଟ ପାଣିରେ ପଶି ସେ ଘରକୁ ଯାଉଥିବା ବେଳେ ଭାସିଯାଇଥିଲେ। ବୁଧବାର ସକାଳୁ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ସହ ସ୍ଥାନୀୟ ଯୁବକମାନେ ଖୋଜାଖୋଜି କରି କଣ୍ଟା ବୁଦା ମଧ୍ୟରୁ ମୃତଦେହ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ବନ୍ତଳା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରୀତିଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିସ୍ଥିତି ଦେଖାଦେଇଛି।



ଅଗ୍ନିଶମ କର୍ମଚାରୀମାନେ ମୃତଦେହ ଉଦ୍ଧାର କରି ଆଣୁଛନ୍ତି।

# ଓପି ଜିନ୍ଦଲଙ୍କ ୯୪ ତମ ଜନ୍ମବାର୍ଷିକୀ ପାଳିତ

ଅନୁଗୋଳ,୭।୮ (ଜ୍ୟୋତିରଞ୍ଜନ ସାହୁ)



ଅନୁଗୋଳସ୍ଥିତ ଜେଏସ୍‌ପିଠାରେ ଓ.ପି.ଜିନ୍ଦଲ ଗ୍ରୁପ୍‌ର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କ ୯୪ ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ସକାଳେ ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଉପସ୍ଥିତ ରହି ଓ.ପି. ଜିନ୍ଦଲଙ୍କ ଫୋଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ବହୁ ବରିଷ୍ଠ ଅଧିକାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିଷ୍ଠାତାଙ୍କ ପ୍ରତି ଗଭୀର ସମ୍ମାନ ପ୍ରଦର୍ଶନ କରିଥିଲେ।

କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମଲହାନ ଓ.ପି. ଜିନ୍ଦଲଙ୍କ ଦୂରଦୃଷ୍ଟି ଏବଂ କମ୍ପାନୀ ତଥା ସମାଜ ପାଇଁ ତାଙ୍କର ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ବାଉଜୀଙ୍କ ସହ କାର୍ଯ୍ୟ କରିବାର ନିଜ ବ୍ୟକ୍ତିଗତ ଅଭିଜ୍ଞତା ବିଷୟରେ ପ୍ରକାଶ କରିଥିଲେ। ସେ କହିଥିଲେ ଓ.ପି. ଜିନ୍ଦଲ ସ୍ୱଦେଶୀ ଜ୍ଞାନ କୌଶଳ ଦ୍ୱାରା ଏବଂ ସ୍ୱଦେଶୀ କଞ୍ଚାମାଲ ବ୍ୟବହାର କରି ଉତ୍କୃଷ୍ଟ ମାନର ଇସ୍ପାତ ନିର୍ମାଣ କରିହେବ, ସେଥିନିମନ୍ତେ ସେ ସର୍ବଦା ପ୍ରୟାସରତ ଥିଲେ। ଜେଏସ୍‌ପିର ସଫଳତା ପଛରେ ତାଙ୍କର ହିଁ ମାର୍ଗ ଦର୍ଶନ ଏବଂ ଆଶୀର୍ବାଦ ସର୍ବଦା ରହିଛି। ଅଧିକାରୀ ସୁବାସ ଜୈନ, ଅତୁଲ ଦୁବେ, ଏସ.କେ. ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ବାଉଜୀଙ୍କ ଜୀବନୀ ବିଷୟରେ ପ୍ରେରଣାଦାୟୀ କଥା ସବୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଜେଏସ୍‌ପି ଫାଉଣ୍ଡେଶନ ଏବଂ ଓଡ଼ିଶା ରକ୍ତଭଣ୍ଡାର ଅନୁଗୋଳ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଜେଏସ୍‌ପି କର୍ମଚାରୀ ଏବଂ ସହଯୋଗୀ ୧୮୩ ୟୁନିଟ ରକ୍ତ ଦାନ କରିଥିଲେ। ଜେଏସପି ଫାଉଣ୍ଡେଶନ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଅନୁଗୋଳ ଜିଲାର ୨ଟି ଜାଗୃତି ହୋମ୍ସ, ସାଇନାଥ ବୃଦ୍ଧାଶ୍ରମ, ଦିଶା ବୃଦ୍ଧାଶ୍ରମ ସମେତ କେନ୍ଦାରଗୌରୀ ଚକ୍ଷୁହୀନ ବୃତ୍ତିଗତ ବିଦ୍ୟାଳୟ ଏବଂ ରେଡ୍‌କ୍ରସ୍ ସ୍ୱତନ୍ତ୍ର ଅନ୍ଧ, ମୂକ ଓ ବଧୀର ଆବାସିକ ବିଦ୍ୟାଳୟରେ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେହିପରି ଗୋପାଳ ଗୋଶାଳା, ପଞ୍ଚମହଲା ଗୋଶାଳା ଏବଂ ଗୋ ସେବା ଡାଏରୀକୁ ଗୋ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ଏହି ଅବସରରେ ଓ.ପି ଜିନ୍ଦଲ ସ୍କୁଲ, ଜିନ୍ଦଲ ଆଶା କେନ୍ଦ୍ର ଏବଂ ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲର ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିନ୍ଦଲ ନଗର ଟାଉନଶିପ୍‌ରେ ଏକ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା।

# ଫାଇଲେରିଆ ନିରାକରଣ ପାଇଁ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ସଚେତନତା କର୍ମଶାଳା

ଢେଙ୍କାନାଳ,୭।୮ (ରତନ ନାୟାର)

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ପରିସରରେ ଫାଇଲେରିଆ ରୋଗର ନିରାକରଣ ପାଇଁ ସାମୂହିକ ଔଷଧ ସେବନ ସମ୍ପର୍କିତ ଏକ ସଚେତନତା ଶିବିର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରି କହିଲେ, ଜିଲାକୁ ସମ୍ପୂର୍ଣ୍ଣ ଫାଇଲେରିଆ ମୁକ୍ତ ଏବଂ ଏହାର ନିରାକରଣ ପାଇଁ ସାମୂହିକ ଔଷଧ ସେବନ ନିମନ୍ତେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପୂର୍ଣ୍ଣମାତ୍ରାରେ ସହଯୋଗ ଆବଶ୍ୟକ। ସେମାନେ ଜିଲାର କୋଣ ଅନୁକୋଣରେ ଖବର ପହଞ୍ଚାଇପାରିବେ। ଆଶା, ଅଙ୍ଗନୱାଡି କର୍ମୀ ଓ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀମାନେ ପ୍ରତି ଘର, ସ୍କୁଲ, କଲେଜ ଓ ଅନ୍ୟ ଅନୁଷ୍ଠାନମାନଙ୍କୁ ଯାଇ ଫାଇଲେରିଆ ବଟିକା ଖୁଆଇବେ। ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ଶରୀରରେ ଲୁଚି ରହିଥିବା ଫାଇଲେରିଆ ପରଜୀବୀ କୀଟାଣୁକୁ ମାରି ବାତଜ୍ୱର, ଗୋଡ ଫୁଲିବା, ହାତ ଫୁଲିବା, ସ୍ତନ ଫୁଲିବା, ଅଣ୍ଡକୋଷ ଫୁଲିବା, ଗୋଦରଗୋଡ ଆଦି ହେବାକୁ ଦେଇ ନ ଥାଏ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ। ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ବାତଜ୍ୱର ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଚାଲୁ ରହିବ। ସାମୂହିକ ଔଷଧ ସେବନ ପାଇଁ ୨ରୁ ୫ବର୍ଷର ପିଲାଙ୍କୁ ଡିଇସି ୧ଟି ୧୦୦ ମିଲିଗ୍ରାମ ଓ ୧ଟି ଆଲବେଣ୍ଡାଜଲ ୪୦୦ ମିଲିଗ୍ରାମ, ୬ରୁ ୧୪ ବର୍ଷଙ୍କ ପାଇଁ ୨ଟି ଡିଇସି ୧୦୦ ମିଲିଗ୍ରାମ ଓ ୧ଟି ଆଲବେଣ୍ଡାଜଲ ୪୦୦ ମିଲିଗ୍ରାମ, ୧୫ ବର୍ଷରୁ ଅଧିକଙ୍କ ପାଇଁ ୩ଟି ଡିଇସି ୧୦୦ ମିଲିଗ୍ରାମ ଓ ୧ଟି ଆଲବେଣ୍ଡାଜଲ ୪୦୦ ମିଲିଗ୍ରାମ ଏବଂ ଆଇଭରବେକ୍ଟିନ ବଟିକା ୬ରୁ ଅଧିକ ବର୍ଷର ବ୍ୟକ୍ତି ଓ ପିଲାମାନେ ଉଚ୍ଚତା ଅନୁସାରେ ଖାଇବେ। ଏହାବ୍ୟତୀତ ଗର୍ଭବତୀ ମହିଳା, ୨ବର୍ଷରୁ କମ୍ ଶିଶୁ, ଗୁରୁତର ଅସୁସ୍ଥ ରୋଗୀ ଓ ଶିଶୁ ଜନ୍ମ କରିଥିବା ମା'ଙ୍କୁ ଏକ ସପ୍ତାହ ମଧ୍ୟରେ ଦିଆଯିବ ନାହିଁ। ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ଜିଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରି କହିଲେ, ଜିଲାରେ ୯ଲକ୍ଷ ୪୫ହଜାର ୭୪୩ଜଣଙ୍କୁ ଔଷଧ ଖୁଆଇବାର ଯୋଜନା ରହିଛି। ଜିଲାରେ ୨୦୨୩ ମସିହାରେ ୭୪୭୯ ଜଣଙ୍କ ଠାରୁ ରାତ୍ରିକାଳୀନ ରକ୍ତନମୁନା ସଂଗ୍ରହ କରାଯାଇ ୮୧ ଜଣଙ୍କ ଠାରୁ ଫାଇଲେରିଆ ଜୀବାଣୁ ଚିହ୍ନଟ କରାଯାଇଥିଲା। ସେହିପରି ୨୦୨୪ ମସିହାରେ ୬୩୬୪ ଜଣଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇ ୪୨ଜଣଙ୍କ ଠାରେ ଫାଇଲେରିଆ ଜୀବାଣୁ ଥିବା ପରିଲକ୍ଷିତ ହୋଇଥିଲା। ସେମାନଙ୍କୁ ଔଷଧ ସେବନ କରାଯାଇଥିଲା। ଜିଲାରେ ୨୬୦ ଜଣଙ୍କ ହାଇଡ୍ରୋସିଲ ଅସ୍ତ୍ରୋପଚାର ହୋଇଛି। ଓଡ଼ିଶାରେ ଏହା ସର୍ବାଧିକ ବୋଲି ସୂଚନା ଦିଆଯାଇଥିଲା। ଏହି ସଚେତନତା କର୍ମଶାଳାରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷଚନ୍ଦ୍ର ମହାପାତ୍ର, ଜିଲା ପରିବାର କଲ୍ୟାଣ ଅଧିକାରୀ ଡା. ନୀଳମଣି ଦିଲୀପଚାନ୍ଦ ବେହେରା, ଜିଲା ଭେକ୍ଟର ବାହିତ ରୋଗ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା କୋଷାଧ୍ୟକ୍ଷ ଗଗନ ବିହାରୀ ସାହୁ, ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଭାରତୀ ପଣ୍ଡା, ସୁକାନ୍ତ କୁମାର ଚାନ୍ଦ, ବିଜୟ କେତନ ବେହେରା, ଦୁର୍ଗାଦତ୍ତ ଶତପଥୀ, ମୃଣ୍ମୟ ସାହୁ, ଅମିୟ କୁମାର ପ୍ରଧାନ, ସହକାରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।



ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ ଆୟୋଜିତ ସଚେତନତା କର୍ମଶାଳାରେ ମଞ୍ଚାସୀନ ଅଧିକାରୀମାନେ।

# ସୋସାଇଟି ପକ୍ଷରୁ ଭିନ୍ନକ୍ଷମ ମହିଳାଙ୍କୁ ସହାୟତା


କୋଅପରେଟିଭ ସୋସାଇଟି ପକ୍ଷରୁ ଜଣେ ଭିନ୍ନକ୍ଷମ ମହିଳାଙ୍କୁ ସାମଗ୍ରୀ ପ୍ରଦାନ କରାଯାଉଛି।

ଢେଙ୍କାନାଳ,୭।୮ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ କଙ୍କଡାହାଡ ଗ୍ରାମଠାରେ ଓଡ଼ିଶା ଷ୍ଟେଟ ଲେବର କୋଅପରେଟିଭ ସୋସାଇଟି ସହଯୋଗରେ ଏସ୍ଏସ୍ ମାର୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ବେହେରା ଓ ସମ୍ମାନିତ ଅତିଥି ଭାବେ ଶକୁନ୍ତଳା ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାର୍ଟ ପକ୍ଷରୁ ଶୈଳବାଳା ବେହେରା ନାମ୍ନୀ ଜଣେ ଭିନ୍ନକ୍ଷମ ମହିଳାଙ୍କୁ ଏକମାସର ରାଶନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସ୍ୱଳ୍ପ ମୂଲ୍ୟରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମିଳିବା ସହିତ ଗ୍ରାମାଞ୍ଚଳର ଗରିବ ଲୋକମାନେ ଏଥିରେ ଉପକୃତ ହୋଇପାରିବେ ବୋଲ ସୋସାଇଟି ପକ୍ଷରୁ ଜଣାଯାଇଛି।

# ବିଭିନ୍ନ ଗୋଦାମରେ ଚଢ଼ାଉ

## କାମାକ୍ଷାନଗରରେ ଆଳୁ ସଙ୍କଟ

କାମାକ୍ଷାନଗର,୭।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରେ ଆଳୁ ସଙ୍କଟ ଦେଖାଦେଇଛି। ବଜାରରୁ ଆଳୁ ଏକପ୍ରକାର ଗାଏବ ହୋଇଯାଇଛି। ଅନେକ ସ୍ଥାନରେ ଆଳୁ କେଜି ପ୍ରତି ୫୦ ଟଙ୍କାରେ ବିକ୍ରି ହେଉଛି। ଖବରପାଇ କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଓ ଉପଖଣ୍ଡ ଯୋଗାଣ ଅଧିକାରୀ ତାରିଣୀ ପ୍ରସାଦ ମିଶ୍ର ବୁଧବାର ବିଭିନ୍ନ ଆଳୁ ଗୋଦାମ ଉପରେ ଚଢ଼ାଉ କରିଥିଲେ। କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଆଳୁ କେଜି ପ୍ରତି ୫୦ ଟଙ୍କା ବିକ୍ରି ହୋଇଥିବା ଖବର ପାଇ ପ୍ରଶାସନ ତରଫରୁ ଏହି ଚଢ଼ାଉ ହୋଇଥିବା ଉପଜିଲାପାଳ ପ୍ରକାଶ କରିଛନ୍ତି। ସହରରେ ଥିବା ବିଭିନ୍ନ ଆଳୁ ଗୋଦାମରେ ଆବଶ୍ୟକ ଆଳୁ ନ ଥିବାରୁ ଖାଉଟି ହନ୍ତସନ୍ତ ହେଉଥିବା ବେଳେ ଏହାର ସୁବିଧା ନେଇ କିଛି ବ୍ୟବସାୟୀ ଆଳୁର ବିକ୍ରିମୂଲ୍ୟ ୫୦ ଟଙ୍କାରୁ ଅଧିକ ଦାମରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି ।



# ଭୁବନ ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ

ଭୁବନ,୭।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବଜରଙ୍ଗ ଦଳ ପକ୍ଷରୁ ବୁଧବାର ସନ୍ଧ୍ୟାରେ କାଳୀବଜାର ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ ବଜରଙ୍ଗ ଦଳ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଭାରତରେ ଅନୁପ୍ରବେଶକାରୀ ଓ ନକଲି ଆଧାର କାର୍ଡଧାରୀଙ୍କ ବିରୋଧରେ ପଦକ୍ଷେପ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ଦୁର୍ବ୍ୟବହାରକୁ ନିନ୍ଦା କରାଯାଇଥିଲା। ଏହି ଅବସରରେ ରାମମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବାହାରି ସମସ୍ତ କର୍ମକର୍ତ୍ତା ସହର ପରିକ୍ରମା ପରେ କାଳୀଜାର ଠାରେ ସାଧାରଣ ସଭା ଆୟୋଜନ କରିଥିଲେ। ସେଥିରେ ବଜରଙ୍ଗ ଦଳର ପ୍ରଖଣ୍ଡ ସମ୍ପାଦକ ଶିଦତ୍ତ ବିଶ୍ୱକର୍ମା, ଜିଲା ମାର୍ଗଦର୍ଶକ କେଦାର କୁମାର ଦାସ, ଗୋରକ୍ଷା ପ୍ରମୁଖ ଦୀପକ କୁମାର ବେହେରା, ନଗର ସହ ସମ୍ପାଦକ ଦୀପକ କୁମାର ଗୁରୁ, ନଗର ଗୋରକ୍ଷା ପ୍ରମୁଖ ସଞ୍ଜୀବ କୁମାର ନାୟକ, ବରିଷ୍ଠ କର୍ମକର୍ତ୍ତା କମଳ ଲୋଚନ ମହାରଣା ଓ ସରୋଜ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।




# ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

କଣିହାଁ,୭।୮ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ମହକୁମାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ଛାତ୍ରୀଛାତ୍ରମାନଙ୍କୁ ଫାଟକ ସମ୍ମୁଖରୁ ଫୁଲ ଚନ୍ଦନ ଦେଇ ଶ୍ରେଣୀ ଗୃହକୁ ପାଛୋଟି ନିଆଯାଇଥିଲା। ଅଧ୍ୟକ୍ଷ ଡ. ନାରାୟଣ ଦାସ ଏଥିରେ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଆଚରଣ ସହିତ ପାଠପଢ଼ା ପ୍ରତି ଗୁରୁତ୍ୱ ଦେବାକୁ ମାର୍ଗଦର୍ଶନ କରିଥିଲେ। ଶିକ୍ଷାନୁଷ୍ଠାନର ବରିଷ୍ଠ ଅଧ୍ୟାପକ ନାରାୟଣ କୁମାର ଦାସ, ସତ୍ୟନାରାୟଣ ପରିଡ଼ା, ନୃସିଂହ ଦେବତା, ରୋଜାଲିନ ବେହେରା, ତୃପ୍ତିମୟୀ ନାୟକ, ନମିତାରାଣୀ ଲୁହା, ଦୀପକ କୁମାର ସାମଲ ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି ନୂତନ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।


ପ୍ରବେଶ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ନାଳରେ ୨ ଫୁଟ ପାଣି, ଯୋଗାଯୋଗ ବିଚ୍ଛିନ୍ନ

ବଣ୍ଡା,୭।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ନାକିଚି ପଞ୍ଚାୟତ ଖୋଲଡଙ୍ଗିଆଣି ଗ୍ରାମକୁ ଯାଇଥିବା ରାସ୍ତାରେ ଏକ ନାଳରେ ବର୍ଷା ପାଣି ବଢୁଥିବାରୁ ଗାଁ ଏକପ୍ରକାର ବିଚ୍ଛିନ୍ନ ହୋଇଯାଇଛି। ଉକ୍ତ ନାଳରେ ସୋମବାର ଠାରୁ ୨/୩ ଫୁଟର ପାଣି ଯାତାୟାତ କରୁଥିବାରୁ ଗାଁ ଲୋକେ ବାହାରକୁ ଯାଇଆସି ପାରୁନାହାନ୍ତି। ଏହି ନାଳ ଉପରେ ଏକ ବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀ ବୁଧବାର ଅନୁଗୋଳ ଜିଲାପାଳଙ୍କ ଠାରେ ଦାବି କରିଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଖୋଲଡଙ୍ଗିଆଣି ଗ୍ରାମରୁ ନାକିଚି ଗ୍ରାମକୁ ଯାଇଥିବା ୪ କି.ମି. ରାସ୍ତା ଶୋଚନୀୟ ହୋଇପଡିଛି। ଖୋଲଡଙ୍ଗିଆଣି ଗ୍ରାମ ନିକଟରେ ଥିବା ନାଳ ଉପରେ ପୋଲ ନିର୍ମାଣ କରାଯାଉ ନାହିଁ। ଲଗାଣ ବର୍ଷାରେ ଏହି ନାଳରେ ୨/୩ ଫୁଟର ପାଣି ଯାତାୟାତ କରୁଛି । ଫଳରେ ଗ୍ରାମ ସହ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଲୋକେ ନାକିଚି ଅଭିମୁଖେ ଆସିପାରୁ ନ ଥିବା ବେଳେ ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟକୁ ମଧ୍ୟ ଛାତ୍ରୀଛାତ୍ର ଯାଇପାରୁନାହାନ୍ତି। ୩ ଦିନ ହେଲା ପିଲାମାନଙ୍କ ପାଠପଢା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ପିଲାମାନେ ସ୍କୁଲ ଅଭିମୁଖେ ବାହାରୁଥିଲେ ବି ନାଳରେ ପାଣି ବଢୁଥିବା ଯୋଗୁ ତାହାକୁ ପାରି ହେବାକୁ ଭୟ କରୁଛନ୍ତି। ଏହି ନାଳ ଉପରେ ଉଚ୍ଚ ବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀ ପୂର୍ବରୁ ଜିଲା ପ୍ରଶାସନ ନିକଟରେ ବହୁ ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେଇ ଏକ ଉଚ୍ଚ ବ୍ରିଜ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ଶିକ୍ଷାବିତ୍ କୃଷ୍ଣମୋହନ ମିଶ୍ରଙ୍କ ପରଲୋକ

ଆଠମଲ୍ଲିକ,୭।୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଏନ୍ଏସି ନୂଆସାହି ବାସିନ୍ଦା ଶିକ୍ଷାବିତ୍ କୃଷ୍ଣମୋହନ ମିଶ୍ର (୮୩)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ରାତି ୨ଟାରେ ତାଙ୍କୁ ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ୩ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ, ନାତି ଉପସ୍ଥିତ ଥିଲେ। ମୃତଦେହ ନୂଆସାହିସ୍ଥିତ ବାସଭବନକୁ ନିଆଯିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ସେ ଅଙ୍ଗପଡ଼ା ହାଇସ୍କୁଲରେ ଶିକ୍ଷକ ଜୀବନ ଆରମ୍ଭ କରିଥିବା ବେଳେ ବୌଦ୍ଧ ଜିଲା ହରଭଙ୍ଗା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ଦୀର୍ଘଦିନ ରହିଥିଲେ। ତାଙ୍କ ଦେହାନ୍ତରେ ସହରରେ ଶୋକର ଛାୟା ଖେଳିଯାଇଛି।



# ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ

ଓଡ଼ାପଡ଼ା,୭।୮ (ରଞ୍ଜିତ ନାୟକ)

ଧଳପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉକ୍ତ ଦିବସରେ ୨୪ଜଣ ମା' ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ାପଡ଼ା ସଙ୍କୁଳର ପୂର୍ବତନ ସଙ୍କୁଳ ପ୍ରମୁଖ ଘନଶ୍ୟାମ ସାମଲ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ପ୍ରଚାରକ ପବିତ୍ର ମୋହନ ଦାସ ଯୋଗଦେଇ ଅଭିଭାବକମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପରିଚାଳନା ସମିତିର ଶିଶୁ ବାଟିକା ଦାୟିତ୍ୱରେ ଥିବା ସଦସ୍ୟା ସ୍ୱର୍ଣ୍ଣଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ସମିତିର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ଓ ସେବିକା ସେବକ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ। ଶିଶୁଭଉଣୀମାନେ ପରସ୍ପର ପ୍ରତି ବନ୍ଧୁ ଭାବ, ବନ୍ୟଜନ୍ତୁଙ୍କ ପରିଚୟ ଓ ଚାରା ରୋପଣ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ।



# କେନ୍ଦ୍ରୀୟ ବିଦ୍ୟାଳୟକୁ ହରାଇ କାମାକ୍ଷାନଗର ବିଜୟୀ

## ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ

ଢେଙ୍କାନାଳ,୭।୮ (ରତନ ନାୟାର)

ଢେଙ୍କାନାଳ ଟାଉନ କ୍ଲବ ଓ ଜିଲା କ୍ରୀଡ଼ା ସଂଘ ମିଳିତ ଆୟୋଜନରେ ଷ୍ଟାଡିୟମ ଠାରେ ଚାଲିଥିବା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମେମୋରିଆଲ୍ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତାର ବୁଧବାର ଏକାଦଶତମ ଦିବସରେ କାମାକ୍ଷାନଗର ବ୍ଲକ ଫୁଟ୍‌ବଲ ଟିମ୍ ୨-୧ ଗୋଲରେ କେନ୍ଦ୍ରୀୟ ବିଦ୍ୟାଳୟ ଢେଙ୍କାନାଳ ଟିମକୁ ପରାସ୍ତ କରିଛି। ମୁଖ୍ୟ ଅତିଥି ଭାବେ ସୁନୀଲ ପଣ୍ଡା ଏବଂ ରାମନାରାୟଣ ସାହୁ ଓ ବେସାରଦ ଖାନ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଶୀର୍ବାଦ କାନୁନ୍‌ଗୋ ଖେଳ ପରିଚାଳନା କରିଥିଲେ। ବନ୍‌ସନ୍ ବରାଳ, ଅରୁଣ ନାୟକ ଓ ଦେବରାଜ ସ୍ୱାଇଁ ସହଯୋଗ କରିଥିଲେ। ମ୍ୟାଚ୍ କମିସନର ଭାବେ ମାୟାଧର ସାହୁ ଉପସ୍ଥିତ ଥିଲେ। ଟାଉନ୍ କ୍ଲବ ସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ, କାର୍ଯ୍ୟକର୍ତ୍ତା ପ୍ରଦୀପ୍ତ ତ୍ରିପାଠୀ, ଅଭିଜିତ ମିଶ୍ର, ଶିବସାଇ ମହାପାତ୍ର, ସଞ୍ଜୀବ ତ୍ରିପାଠୀ, ଶୁଭ୍ରାଂଶୁ ଦଳେଇ, ଅସୀମ କୁମାର ଦାସ, ରାମକୃଷ୍ଣ ବେହେରା, ଦେବକାନ୍ତ ମିଶ୍ର ଏବଂ ସମସ୍ତ ସଭ୍ୟଙ୍କ ସହଯୋଗରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ ଦାସଙ୍କ ସମେତ ସୁନୀଲ ପଣ୍ଡା, ସଞ୍ଜୟ ଭଞ୍ଜ, ଗୌରାଙ୍ଗ ସେଠୀ, ପ୍ରଦ୍ୟୁମ୍ନ ପାଢୀ ଏବଂ ଶ୍ୟାମସୁନ୍ଦର ପ୍ରମୁଖ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।


ବୁଧବାର ଅନୁଷ୍ଠିତ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

